# NATIONAL NEWS BULLETIN (ODIA)

**30 March - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ନିର୍ବାଚନ ଆୟୋଗଙ୍କ ବିଜ୍ଞପ୍ତି ସହ ଆରମ୍ଭ ହେଲା ତାମିଲନାଡୁ ଓ ପଶ୍ଚିମବଙ୍ଗ ବିଧାନସଭାର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରାର୍ଥିପତ୍ର ଦାଖଲ ପ୍ରକ୍ରିୟା
- ଦେଶବ୍ୟାପୀ ଆସନ୍ତାମାସ ପହିଲାରୁ ଆରମ୍ଭ ହେବ ୨୦୨୭ ଜନଗଣନା
- ଦେଶରେ ଶକ୍ତି ଯୋଗାଣକୁ ନିଶ୍ଚିତ କରିବା ଲାଗି ୨୧ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ କିରୋସିନି ବଣ୍ଟନ ଲାଗି ଅନୁମତି ଦେଲେ କେନ୍ଦ୍ର ସରକାର
- ମେରା ବୁଥ୍ ସବ୍‌ସେ ମଜବୁତ୍ ଅଧୀନରେ ଆଜି ଆସାମ ଓ ପୁଡୁଚେରୀର ଦଳୀୟ କର୍ମୀଙ୍କୁ ଉଦ୍‌ବୋଧନ ଦେବେ ପ୍ରଧାନମନ୍ତ୍ରୀ ତଥା ବରିଷ୍ଠ ବିଜେପି ନେତା ନରେନ୍ଦ୍ର ମୋଦୀ
- ମଧ୍ୟପ୍ରାଚ୍ୟ ସଂକଟ ସମୟରେ ଭାରତର ଇନ୍ଧନ ସହାୟତା ନେଇ କୃତଜ୍ଞତା ପ୍ରକାଶ କଲେ ଶ୍ରୀଲଙ୍କା ରାଷ୍ଟ୍ରପତି

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଗୁଆହାଟୀରେ ଆଜି ଅନୁଷ୍ଠିତ ହେବ ରାଜସ୍ଥାନ ରୟାଲ୍‌ସ ଓ ଚେନ୍ନାଇ ସୁପର୍ କିଙ୍ଗ୍‌ସ ମଧ୍ୟରେ ମୁକାବିଲା

## ଇସି-ନୋଟିଫିକେସନ

ନିର୍ବାଚନ ଆୟୋଗଙ୍କ ବିଜ୍ଞପ୍ତି ପ୍ରକାଶନ ସହ ଆଜିଠାରୁ ତାମିଲନାଡୁ ବିଧାନସଭା ନିର୍ବାଚନ ପାଇଁ ନାମାଙ୍କପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ପଶ୍ଚିମବଙ୍ଗ ବିଧାନସଭାର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ମଧ୍ୟ ପ୍ରାର୍ଥିପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି । ତାମିଲନାଡୁର ୨୩୪ଟି ବିଧାନସଭା ଆସନ ଲାଗି ଗୋଟିଏ ପର୍ଯ୍ୟାୟରେ ଆସନ୍ତା ଏପ୍ରିଲ୍ ୨୩ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ । କମିଶନଙ୍କ ସୂଚନା ଅନୁଯାୟୀ ଏପ୍ରିଲ୍ ୬ ତାରିଖ ତାମିଲନାଡୁରେ ପ୍ରାର୍ଥିପତ୍ର ଦାଖଲର ଶେଷଦିନ ରହିଥିବା ବେଳେ ୭ ତାରିଖରେ ପ୍ରାର୍ଥିପତ୍ର ଯାଞ୍ଚ ଓ ୯ ତାରିଖ ସୁଦ୍ଧା ପ୍ରାର୍ଥିପତ୍ର ପ୍ରତ୍ୟାହାର ଲାଗି ଦିନ ଧାର୍ଯ୍ୟ କରାଯାଇଛି ।

ପଶ୍ଚିମବଙ୍ଗରେ ଆସନ୍ତା ମାସ ୨୩ରେ ପ୍ରଥମ ପର୍ଯ୍ୟାୟରେ ୧୫୨ଟି ବିଧାନସଭା ଆସନ ଲାଗି ନିର୍ବାଚନ ଅନୁଷ୍ଠିତ ହେବ । ଏଥିଲାଗି ଏପ୍ରିଲ୍ ୬ ତାରିଖ ପ୍ରାର୍ଥିପତ୍ର ଦାଖଲର ଶେଷ ଦିନ ରହିଥିବା ବେଳେ ୭ ତାରିଖରେ ଯାଞ୍ଚ ଓ ୯ ତାରିଖ ସୁଦ୍ଧା ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷଦିନ ଧାର୍ଯ୍ୟ କରାଯାଇଛି। ପଶ୍ଚିମବଙ୍ଗରେ ଦ୍ୱିତୀୟ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ପାଇଁ ଏପ୍ରିଲ ୨ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇବ। ଏହି ପର୍ଯ୍ୟାୟରେ ଏପ୍ରିଲ୍ ୨୯ ତାରିଖରେ ୧୪୨ଟି ଆସନ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ।

## ସେନ୍ସସ- ୨୦୨୭

୨୦୨୭ ଜନଗଣନା ଆସନ୍ତାମାସ ପହିଲାରୁ ଆରମ୍ଭ ହେବ । ସ୍ୱାଧୀନତା ପରେ ଏହା ଅଷ୍ଟମ ଜନଗଣନା ହୋଇଥିବା ବେଳେ ଏହା ଷୋଡ଼ଶ

ଜନଗଣନା  ହେବ । ଏକ ସାମ୍ବାଦିକ ସମ୍ମିଳନୀକୁ ଉଦ୍‌ବୋଧନ ଦେଇ ଭାରତୀୟ ଜନଗଣନା କମିଶନର ତଥା ରେଜିଷ୍ଟ୍ରାର୍ ଜେନେରାଲ୍ ମୃତ୍ୟୁଞ୍ଜୟ କୁମାର ନାରାୟଣ କହିଛନ୍ତି, ଚଳିତବର୍ଷ ଏପ୍ରିଲ୍ ୧ ତାରିଖରୁ ସେପ୍ଟେମ୍ବର ୩୦ ତାରିଖ ମଧ୍ୟରେ ଗୃହ ଗଣନା ଅନୁଷ୍ଠିତ ହେବ । ସେ କହିଛନ୍ତି, ୨୦୨୭ ଜନଗଣନା ପାଇଁ ସ୍ୱୟଂକ୍ରିୟ ବ୍ୟବସ୍ଥା କରାଯାଇଛି । ଯାହାଫଳରେ ଗୃହ ଗଣନା କାର୍ଯ୍ୟକ୍ରମ ଆରମ୍ଭ ହେବାର ୩୦ ଦିନ ପୂର୍ବରୁ ଆରମ୍ଭ ହୋଇଛି । ଶ୍ରୀ ନାରାୟଣ କହିଛନ୍ତି, ୧୬ଟି ଭାରତୀୟ ଭାଷାରେ ସେଲ୍‌ଫ୍ ଏନୁମରେସନ୍ ପୋର୍ଟାଲ୍ ଉପଲବ୍ଧ ହେବ । ସେ ସୂଚନା ଦେଇଛନ୍ତି, ପ୍ରଥମ ପର୍ଯ୍ୟାୟ ଲାଗି ଉଦ୍ଦିଷ୍ଟ ପ୍ରଶ୍ନ ସମୂହ ବିଜ୍ଞପ୍ତି ପ୍ରକାଶ ପାଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟ ପାଇଁ ଏହା ପ୍ରକାଶ ପାଇବ । ଜନଗଣନାର ଦ୍ୱିତୀୟ ପର୍ଯ୍ୟାୟରେ ଜାତି ଭିତ୍ତିକ ଗଘଣନା କରାଯିବ ।

## ପିଏମ୍-ଗୁଜରାଟ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଗୁଜରାଟକୁ ଦିନିକିଆ ଗସ୍ତରେ ଯିବେ । ଗସ୍ତ କାଳରେ ଶ୍ରୀ ମୋଦୀ ଗାନ୍ଧୀନଗରଠାରେ ମହାବୀର ଜୟନ୍ତୀ ପାଳନ ଅବସରରେ ସମ୍ରାଟ ସଂପ୍ରତି ସଂଗ୍ରହାଳୟର ଲୋକାର୍ପଣ କରିବେ । ସେଠାରେ  ପ୍ରଧାନମନ୍ତ୍ରୀ ଏକ ଜନସମାବେଶକୁ ଉଦ୍‌ବୋଧନ ଦେବାର କାର୍ଯ୍ୟସୂଚୀ ରହିଛି । ମହାବୀର ଜୈନ ଆରାଧନା କେନ୍ଦ୍ର ପରିସରରେ ସ୍ଥାପିତ ଏହି ସଂଗ୍ରହାଳୟରେ ଭାରତୀୟ ସଭ୍ୟତା ତଥା ପରମ୍ପରା ସଂପର୍କରେ ଉଲ୍ଲେଖ ରହିଛି । ଏଥିରେ ଦେଶର ଶତାବ୍ଦୀ ପୁରୁଣା ବିରଳ ଜୈନଧର୍ମର ବିଭିନ୍ନ  ପାରମ୍ପରିକ ଐତିହ୍ୟ ସଂପର୍କିତ ସାମଗ୍ରୀ

ଉପଲବ୍ଧ ଅଛି । ସେ ସମୟର ବିଭିନ୍ନ ପଟ୍ଟଚିତ୍ର, ରୌପ୍ୟ ରଥ, ମୁଦ୍ରା ତଥା ପ୍ରାଚୀନ ପାଣ୍ଡୁଲିପି, ୭ଟି ବିଶାଳ ଗ୍ୟାଲେରିରେ ପ୍ରଦର୍ଶିତ ହୋଇଛି ।

ପ୍ରଧାନମନ୍ତ୍ରୀ ପରେ ଅହମ୍ମଦାବାଦସ୍ଥିତ କାଏନସ୍ ସେମିକନ୍ ପ୍ଲାଣ୍ଟର ଲୋକାର୍ପଣ କରି ସେଠାରେ ଉଦ୍‌ବୋଧନ ଦେବାର କାର୍ଯ୍ୟସୂଚୀ ରହିଛି । ଭାରତର ସେମିକଣ୍ଡକ୍ଟର ଉତ୍ପାଦନ ଯାତ୍ରାରେ ଏକ ଉଲ୍ଲେଖନୀୟ ପ୍ରଦର୍ଶନ ସ୍ୱରୂପ ଏହି ଉଦ୍‌ଘାଟନ ପରେ ସେଠାରେ ବାଣିଜ୍ୟିକ ଉତ୍ପାଦନ ଆରମ୍ଭ ହେବ ।

ଦେଶରେ ସେମିକଣ୍ଡକ୍ଟର କ୍ଷେତ୍ରରେ ଇକୋସିଷ୍ଟମ୍‌କୁ ଧ୍ୟାନରେ ରଖି ଆତ୍ମନିର୍ଭରଶୀଳ ଉଚ୍ଚ ପ୍ରଯୁକ୍ତିବିଦ୍ୟା ସଂପନ୍ନ ଚିପ୍ ପ୍ରସ୍ତୁତିରେ ଏହା ସହାୟକ ହେବ। ପରେ ପ୍ରଧାନମନ୍ତ୍ରୀ ଭାବ୍‌ଥରାଡ୍ ଗସ୍ତ କରି ୨୦ ହଜାର କୋଟିରୁ ଅଧିକ ଟଙ୍କାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ, ଉଦ୍‌ଘାଟନ ଏବଂ ଉତ୍ସର୍ଗ କରିବେ । ଏହିସବୁ ପ୍ରକଳ୍ପ ମଧ୍ୟରେ ଶକ୍ତି, ରେଳ, ସଡ଼କ ପରିବହନ ଓ ରାଜପଥ, ସ୍ୱାସ୍ଥ୍ୟ, ସହରାଞ୍ଚଳ ବିକାଶ, ଜନଜାତି ଉନ୍ନୟନ ଓ ଗ୍ରାମ ବିକାଶ ଭଳି ପ୍ରକଳ୍ପ ରହିଛି । ପ୍ରଧାନମନ୍ତ୍ରୀ ଏହି ଅବସରରେ ୫ ହଜାର ୧୦୦ କୋଟିରୁ ଅଧିକ ଟଙ୍କା ବ୍ୟୟରେ ନିର୍ମିତ ଅହମ୍ମଦାବାଦ-ଧୋଲେରା ଏକ୍ସପ୍ରେସ୍ ୱେ ର ଉଦ୍‌ଘାଟନ କରିବେ । ଏଥିସହିତ ଶ୍ରୀ ମୋଦୀ ଖେଓ୍ୱଡ଼ା ଦ୍ୱିତୀୟ ପୁଲିଙ୍ଗ୍ ଷ୍ଟେସନ ଓ ଟ୍ରାନ୍ସମିଶନ ବ୍ୟବସ୍ଥାର ମଧ୍ୟ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି ।

---

## ଗଭ୍ - କିରୋସିନ

ଦେଶରେ ଶକ୍ତି ଯୋଗାଣକୁ ନିଶ୍ଚିତ କରିବା ଲାଗି କେନ୍ଦ୍ର ସରକାର ୨୧ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳକୁ ସାଧାରଣ ବଣ୍ଟନ ବ୍ୟବସ୍ଥାରେ

କିରୋସିନ ବଣ୍ଟନ ଲାଗି ଅନୁମତି ପ୍ରଦାନ କରିଛନ୍ତି । ଏକ ବିଜ୍ଞପ୍ତି ଅନୁଯାୟୀ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ କିରୋସିନ-ମୁକ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକରେ ନିର୍ଦ୍ଦିଷ୍ଟ ପେଟ୍ରୋଲ୍ ପମ୍ପ୍‌ଗୁଡ଼ିକରେ କିରୋସିନ ସଂରକ୍ଷଣ ଏବଂ ବଣ୍ଟନ ପାଇଁ ଅନୁମତି ଦେଇଛି। ପ୍ରତି ଜିଲ୍ଲାରେ ଦୁଇଟି ପେଟ୍ରୋଲ୍ ପମ୍ପ୍‌ରେ ୫ ହଜାର ଲିଟର ପର୍ଯ୍ୟନ୍ତ କିରୋସିନ ଗଚ୍ଛିତ ରଖିବା ଲାଗି ଅନୁମତି ଦିଆଯାଇଛି । ଏହି ବ୍ୟବସ୍ଥା କେବଳ ଘରୋଇ ବ୍ୟବହାର ପାଇଁ ଉଦ୍ଦିଷ୍ଟ କିରୋସିନ ପାଇଁ ପ୍ରଯୁଜ୍ୟ ହେବ। ଏହା ଦିଲ୍ଲୀ, ଉତ୍ତର ପ୍ରଦେଶ, ଗୁଜରାଟ ଏବଂ ରାଜସ୍ଥାନ ସମେତ ୨୧ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକରେ କାର୍ଯ୍ୟକାରୀ ହେବ।

ଏହି ପ୍ରକ୍ରିୟା ୬୦ ଦିନ ପାଇଁ କିମ୍ବା ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବଳବତ୍ତର ରହିବ ।

## ଏଲ୍‌ପିଜି-ଟ୍ୟାଙ୍କର୍ସ

୯୪ ହଜାର ଟନ୍ ଏଲ୍‌ପିଜି ବୋଝେଇ କରି ୨ଟି ଭାରତୀୟ ଟ୍ୟାଙ୍କର ଯୁଦ୍ଧ ପ୍ରଭାବିତ ହର୍‌ମୁଜ୍ ପ୍ରଣାଳୀ ଅତିକ୍ରମ କରିଛି । ଆସନ୍ତା କିଛିଦିନ ମଧ୍ୟରେ ଏହି ଦୁଇଟି ଟ୍ୟାଙ୍କର ଭାରତ ଉପକୂଳରେ ପହଞ୍ଚିବ ବୋଲି ଜଣାପଡ଼ିଛି । ପ୍ରଥମ ଟ୍ୟାଙ୍କରଟି ଆସନ୍ତାକାଲି ପହଞ୍ଚିବାକୁ ଥିବା ବେଳେ ଅନ୍ୟ ଟ୍ୟାଙ୍କରଟି ନୂଆ ମାଙ୍ଗାଲୋର ଦେଇ ଏପ୍ରିଲ୍ ୧ ତାରିଖରେ ପହଞ୍ଚିବ । ଆମେରିକା ଓ ଇସ୍ରାଏଲ୍‌ର ଆକ୍ରମଣ ପରେ ଇରାନ ଏବଂ ତେହରାନ୍ ପକ୍ଷରୁ ହର୍ମୁଜ ପ୍ରଣାଳୀରେ ଟ୍ୟାଙ୍କରଗୁଡ଼ିକୁ ଅତିକ୍ରମ କରିବାକୁ ଅନୁମତି ଦିଆଯାଉ ନଥିବା ବେଳେ ଅଳ୍ପ କେତେକ ଦେଶକୁ ଇରାନ କର୍ତ୍ତୃପକ୍ଷ ଅନୁମତି ପ୍ରଦାନ କରିଛନ୍ତି । ପୂର୍ବରୁ ୪ଟି ଏଲ୍‌ପିଜି ଟ୍ୟାଙ୍କର ସଂପୃକ୍ତ ହର୍ମୁଜ ପ୍ରଣାଳୀ ଦେଇ ଅତିକ୍ରମ କରିବା ପରେ ଭାରତରେ ପହଞ୍ଚି ସାରିଛି ।

# ପି.ଏମ୍.

ପ୍ରଧାନମନ୍ତ୍ରୀ ଏବଂ ବରିଷ୍ଠ ବିଜେପି ନେତା ନରେନ୍ଦ୍ର ମୋଦୀ ଆଜି ନମୋ ଆପ୍ ମାଧ୍ୟମରେ ମେରା ବୁଥ୍ ସବ୍‌ସେ ମଜବୁତ ଅନ୍ତର୍ଗତ ଆସାମ ଏବଂ ପୁଡୁଚେରୀର ଦଳୀୟ କର୍ମୀମାନଙ୍କୁ ଉଦ୍‌ବୋଧନ ଦେବେ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ଗତ ଦଶନ୍ଧିରେ ଆସାମରେ ବିଭିନ୍ନ କ୍ଷେତ୍ରରେ ବିକାଶମୂଳକ କରାଯାଇଛି । ବିକାଶ କାର୍ଯ୍ୟ ଯୋଗୁଁ ଲୋକମାନେ ଡବଲ-ଇଞ୍ଜିନ୍ ଏନଡିଏ ସରକାରଙ୍କୁ ଆଉ ପାଞ୍ଚ ବର୍ଷ ପାଇଁ ନିର୍ବାଚିତ କରିବାପାଇଁ ପ୍ରସ୍ତୁତ ଅଛନ୍ତି ବୋଲି ଶ୍ରୀ ମୋଦି କହିଛନ୍ତି ।

ଅନ୍ୟ ଏକ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ଡବଲ-ଇଞ୍ଜିନ୍ ଏନଡିଏ ସରକାର ଗତ ୫ ବର୍ଷ ମଧ୍ୟରେ ପୁଡୁଚେରୀର ଲୋକଙ୍କ ଆକାଂକ୍ଷା ପୂରଣ କରିବାରେ ସଫଳ ହୋଇଛନ୍ତି ।

---

# ଆର୍‌ଏସ୍-ନଡ୍ଡା

ରାଜ୍ୟସଭାରେ କେନ୍ଦ୍ରମନ୍ତ୍ରୀ ଜେ.ପି. ନଡ୍ଡା କହିଛନ୍ତି, କଂଗ୍ରେସ ଏବଂ ଇଣ୍ଡି ମେଣ୍ଟ ମୁସଲିମ୍ ସଂପ୍ରଦାୟକୁ ଭୋଟ୍ ବ୍ୟାଙ୍କ ପାଇଁ ବ୍ୟବହାର କରୁଥିବା ନେଇ ଅଭିଯୋଗ କରିଛନ୍ତି । ଶ୍ରୀ ନଡ୍ଡା କହିଛନ୍ତି, ବିରୋଧୀ ଦଳ ଗୃହରେ କୌଣସି ବିତର୍କରେ ଭାଗ ନେବା ପାଇଁ ଇଚ୍ଛା ପ୍ରକାଶ କରୁନାହିଁ କିମ୍ବା ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ସମ୍ବିଧାନ ପ୍ରତି ସେମାନଙ୍କର କୌଣସି ସମ୍ମାନ ନାହିଁ । ଶୂନ୍ୟକାଳରେ ଏକ ଘଟଣାର ଉଦାହରଣ ଦେଇ ଶ୍ରୀ ନଡ୍ଡା କହିଛନ୍ତି, ଯେତେବେଳେ ବିଜେପି ସଭ୍ୟ କେ. ଲକ୍ଷ୍ମଣ ତାଙ୍କୁ ଦିଆଯାଇଥିବା ସମୟ ଭିତରେ ନିଜର ବକ୍ତବ୍ୟ ରଖୁଥିଲେ, ଇଣ୍ଡି ମେଣ୍ଟର

ସଭ୍ୟମାନେ ହୋହଲ୍ଲା କରିଥିଲେ । ସେ କହିଛନ୍ତି, ଏହା କଂଗ୍ରେସର ଗଣତାନ୍ତ୍ରିକ ତଥା ସଂସଦୀୟ ପ୍ରକ୍ରିୟା ପ୍ରତି ବିଶ୍ୱାସ ଥିବାର ପ୍ରତିଫଳନ ।

**V/O**

ଶୂନ୍ୟକାଳରେ ଶ୍ରୀ ଲକ୍ଷ୍ମଣ କହିଛନ୍ତି, ବିରୋଧୀ ଦଳ ଶାସନ କରୁଥିବା କର୍ଣ୍ଣାଟକ, ପଶ୍ଚିମବଙ୍ଗ, ତେଲଙ୍ଗାନା, ତାମିଲନାଡୁ ଓ କେରଳ ଆଦି ରାଜ୍ୟ ସରକାର ଧର୍ମ ନାମରେ ଓବିସି ସଂରକ୍ଷଣ ନିୟମର ଅପବ୍ୟବହାର କରୁଛନ୍ତି । ପରେ ଗୃହରେ ପ୍ରବଳ ହଟ୍ଟଗୋଳ କରି ବିରୋଧୀ ସଭ୍ୟମାନେ ଗୃହ ତ୍ୟାଗ କରିଥିଲେ ।

ବିରୋଧୀ ଦଳ ଗୃହରେ ବିତର୍କରେ ଭାଗ ନନେବା ପାଇଁ ଏଭଳି ବାଧା ସୃଷ୍ଟି କରୁଥିବା ନେଇ ଶ୍ରୀ ନଡ୍ଡା ଏହାକୁ ଦୃଢ଼ ନିନ୍ଦା କରିଛନ୍ତି । ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସରକାର ଯେକୌଣସି ପ୍ରସଙ୍ଗରେ ଆଲୋଚନା କରିବା ପାଇଁ ସବୁବେଳେ ପ୍ରସ୍ତୁତ ଅଛନ୍ତି ।

---

# ଏଲ୍‌ଏଲ୍ ଫୁଏଲ୍

ମଧ୍ୟପ୍ରାଚ୍ୟ ପରିସ୍ଥିତି ମଧ୍ୟରେ ଭାରତ' ଶ୍ରୀଲଙ୍କାକୁ ଇନ୍ଧନ ଯୋଗାଇ ଦେବା ନେଇ ଶ୍ରୀଲଙ୍କା ରାଷ୍ଟ୍ରପତି ଅନୁରା କୁମାରା ଦିଶାନାୟକେ କୃତଜ୍ଞତା ପ୍ରକାଶ କରିଛନ୍ତି । କଲମ୍ବୋରେ ଭାରତ ପଠାଇଥିବା ପେଟ୍ରୋଲିୟମ ଉତ୍ପାଦ ବୋଝେଇ ଜାହାଜ ପହଞ୍ଚିଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ରାଷ୍ଟ୍ରପତି ଦିଶା ନାୟକେ କହିଛନ୍ତି ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଶ୍ରୀଲଙ୍କାରେ ତୈଳ ସଂକଟ ବିଷୟରେ ଆଲୋଚନା କରିଥିଲେ । ସୂଚନା ଅନୁଯାୟୀ ଭାରତ' ଶ୍ରୀଲଙ୍କାକୁ ୩୮ ହଜାର ମେଟ୍ରିକ୍ ଟନ୍

ପେଟ୍ରୋଲିୟମ ଉତ୍ପାଦ ପଠାଇଛି, ଯେଉଁଥିରେ ୨୦ ହଜାର ମେଟ୍ରିକ୍ ଟନ୍ ଡିଜେଲ୍ ରହିଛି ।

## ବିହାର-ରେଜିନେସନ୍

ବିହାର ମୁଖ୍ୟମନ୍ତ୍ରୀ ତଥା ଜନତାଦଳ ୟୁନାଇଟେଡ୍ ସଭାପତି ନୀତିଶ କୁମାର ବିଧାନ ପରିଷଦ ସଦସ୍ୟତାରୁ ଇସ୍ତଫା ଦେଇଛନ୍ତି । ରାଜ୍ୟସଭାକୁ ନିର୍ବାଚିତ ହେବା ପରେ ସାମ୍ବିଧାନିକ ନିୟମ ଅନୁସାରେ ନୀତିଶ କୁମାର ଏହି ଇସ୍ତଫା ଦେଇଥିବା ଜଣାପଡ଼ିଛି । ଜେଡିୟୁର ବିଧାନ ପରିଷଦ ସଦସ୍ୟ ସଂଜୟ ଗାନ୍ଧୀ' ନୀତିଶ କୁମାରଙ୍କ ଇସ୍ତଫାପତ୍ରକୁ ବିଧାନ ପରିଷଦ ଅଧ୍ୟକ୍ଷ ଅବଦେଶ ନାରାୟଣ ସିଂଙ୍କ ନିକଟକୁ ପଠାଇଛନ୍ତି । ପାଟନାଠାରେ ଗଣମାଧ୍ୟମକୁ ସୂଚନା ଦେଇ ବରିଷ୍ଠ ମନ୍ତ୍ରୀ ବିଜୟ କୁମାର ଚୌଧୁରୀ ଏହା ଏକ ସାମ୍ବିଧାନିକ ପ୍ରକ୍ରିୟା ବୋଲି କହିଛନ୍ତି। ଖୁବ୍‌ଶୀଘ୍ର ମୁଖ୍ୟମନ୍ତ୍ରୀ ପଦରୁ ମଧ୍ୟ ନୀତିଶ କୁମାର ଇସ୍ତଫା ଦେବେ ବୋଲି ସରକାରୀ ସୂତ୍ରରୁ ଜଣାପଡ଼ିଛି ।

ସେହିପରି ବିଜେପି ରାଷ୍ଟ୍ରୀୟ ଅଧକ୍ଷ ତଥା ନୂତନ ଭାବେ ରାଜ୍ୟସଭାକୁ ନିର୍ବାଚିତ ହୋଇଥିବା ନୀତିନ ନବୀନ ବିହାର ବିଧାନସଭା ସଭ୍ୟ ପଦରୁ ଇସ୍ତଫା ଦେଇଛନ୍ତି ।

## ଖେଳ ଖବର

ଆଇ.ପି.ଏଲ୍. କ୍ରିକେଟରେ, ଆଜି ସନ୍ଧ୍ୟା ୭ଟା ୩୦ରେ ଗୌହାଟୀର ବରସାପାରା କ୍ରିକେଟ ଷ୍ଟାଡିୟମରେ ରାଜସ୍ଥାନ ରୟାଲ୍ସ ଓ ଚେନ୍ନାଇ ସୁପର କିଙ୍ଗସ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ । ଗତକାଲି ରାତିରେ ମୁମ୍ବାଇର

ୱାଙ୍ଖେଡେ ଷ୍ଟାଡିୟମରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚରେ ମୁମ୍ବାଇ ଇଣ୍ଡିଆନ୍ସ ୬ ୱିକେଟ୍‌ରେ କୋଲକାତା ନାଇଟ୍ ରାଇଡର୍ସଙ୍କୁ ପରାସ୍ତ କରିଥିଲା ।